# ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ କେବେ?

ଶେରଗଡ଼,୨୬।୫(ସମିସ): ବର୍ଷ ପରେ ବର୍ଷ ଗଡୁଛି, ଚିଟଫଣ୍ଡରେ ଠକି ହୋଇ ଛଟପଟ କ୍ଷତିଗ୍ରସ୍ତଙ୍କ ପକେଟକୁ କିନ୍ତୁ ଫେରୁନି ଟଙ୍କା। ଗତ ସରକାର କର୍ପସ ପାଣ୍ଠି ଗଠନ କଲେ। ବିଜେପି ସରକାର କ୍ଷମତାକୁ ଆସିଲେ ଶହେ ଦିନରେ ସବୁ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ମାତ୍ର ଦିନ ସିନା ଗଡିଛି ହେଲେ ସରକାରୀ କଳ ଆନ୍ତରିକତା ନାହିଁ କି ଇଚ୍ଛା ଶକ୍ତି ଥିବା ଦେଖାଯାଉନି। ସେମିତି ଚାତକ ପକ୍ଷୀ ଭଳି ଟଙ୍କା ଫେରସ୍ତ ପାଇବାକୁ କ୍ଷତିଗ୍ରସ୍ତ ଜମାକାରୀ ଅପେକ୍ଷା କରି ବସିଛନ୍ତି। ପୂର୍ବରୁ ପଶ୍ଚିମ, ଉତ୍ତର ରୁ ଦକ୍ଷିଣ ସବୁଠି ଚିଟଫଣ୍ଡ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାର ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଲେ। କମିଶନ ଗଠନ କଲେ, ଲକ୍ଷ ଲକ୍ଷ ଜମାକାରୀ ସତ୍ୟ ପାଠ ଦାଖଲ କଲେ। କିଛି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ ମଧ୍ୟ ହେଲା, ମାତ୍ର କାଁ ଭାଁ କିଛି ଜମାକାରୀଙ୍କୁ (ଦଶ ହଜାରରୁ କମ ଟଙ୍କା) ଫେରସ୍ତ ହେବା ପରେ ପ୍ରକ୍ରିୟା ବନ୍ଦ ରହିଛି। କ୍ଷତିଗ୍ରସ୍ତ ମାନେ ଅପେକ୍ଷା କରି କରି ହତାଶ ହେଲେଣି। ଟଙ୍କାର ନା ଗନ୍ଧ ନାହିଁ। ଏପରିକି ଦଳ କ୍ଷମତାକୁ ଆସିବା ମାତ୍ରେ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ ରାଜ୍ୟ ସରକାର। ମାତ୍ର ଫଳ ଶୂନ। କେବେ ଠାରୁ ପୁଣି କ୍ଷତିଗ୍ରସ୍ତଙ୍କ ଜମା ଟଙ୍କା ଫେରସ୍ତ ପାଇବେ ତାହା ପ୍ରଶ୍ନବାଚୀ। ଚିଟଫଣ୍ଡ ସଂସ୍ଥାରେ ଦଶ ହଜାର ଟଙ୍କାରୁ ଅଧିକ ଜମା ରଖିଥିବା ଜମାକାରୀଙ୍କୁ ଟଙ୍କା ମିଳିବା ଆଶା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଆଇନଗତ ଜଟିଳତା, ଜମାକାରୀ ଚିହ୍ନଟ ନହେବା ଓ ବାଜ୍ୟାପ୍ତ ସମ୍ପତ୍ତି ନିଲାମ ନହେବାରୁ ସରକାର ଅଡୁଆ ଜାଲରେ ଫସିଛନ୍ତି। ତଦନ୍ତ କମିଶନଙ୍କ ସୁପାରିଶ ଆଧାରରେ ମାତ୍ର ଅଳ୍ପ କିଛି କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ ହୋଇଛି। ଅନ୍ୟମାନେ ଅର୍ଥ ପାଇବେ ନା ନାହିଁ, ଯଦି ପାଇବେ କେଉଁ ପ୍ରକ୍ରିୟାରେ ପାଇବେ, ତାହାର ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ସରକାରଙ୍କ ସାମନାରେ ବଡ ଚ୍ୟାଲେଞ୍ଜ ହୋଇ ଉଠିଥିବା ବେଳେ ଟଙ୍କା ଫେରସ୍ତ ପାଇବେ ନା ନାହିଁ, ତାହାକୁ ନେଇ ଆଶଙ୍କା ରେ ରହିଛନ୍ତି ଜମାକାରୀ। ଇତି ମଧ୍ୟରେ ବିଜେପି ସରକାର ଦୁଇ ବର୍ଷ ଅତିକ୍ରମ କଲାଣି, ତେବେ ବିଜେପି ଯେଉଁ ସମସ୍ୟାକୁ ସମାଧାନ କରିବାର ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର କରିଥିଲା, ସେହି ପ୍ରତିଶ୍ରୁତି ପାଳନ କରୁଛି ନା ଜମାକାରୀ ହତାଶର ସମ୍ମୁଖୀନ ହେଉଛନ୍ତି ତାହା ସମୟ କହିବ।

## ଆତ୍ମା ଅଧ୍ୟକ୍ଷ ହେଲେ ଅରୁଣ ପଣ୍ଡା



ପୁରୁଷୋତ୍ତମପୁର,୨୬।୫(ସମିସ): ପୁରୁଷୋତ୍ତମପୁର ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ମଙ୍ଗଳବାର ପୂର୍ବାହ୍ନରେ ଆତ୍ମା ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ପଦ ପାଇଁ ଅରୁଣ କୁମାର ପଣ୍ଡାଙ୍କ ନାମକୁ ଉପସ୍ଥିତ ଥିବା ସମସ୍ତ ସଭ୍ୟ ମନୋନୟନ କରିଥିଲେ। ଯାହା ଫଳରେ ସେ ଅପ୍ରତିଦ୍ୱନ୍ଦୀ ଭାବେ ଆତ୍ମା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବ୍ଲକ କୃଷି ଅଧିକାରୀ ତଥା ପ୍ରିଜାଇଡିଙ୍ଗ ଅଧିକାରୀ ଶୁଭଦର୍ଶନୀ ବେହେରା ସୂଚନା ଦେଇଛନ୍ତି। ମୋଟ ୨୨ଜଣ ସଭ୍ୟ ମଧ୍ୟରୁ ୨୧ ଜଣ ଉପସ୍ଥିତ ରହି ମନୋନୟନ କରିଥିଲେ। ସଞ୍ଜିବ କୁମାର ଜେନା ପ୍ରସ୍ତାବ ଦେଇଥିବା ବେଳେ ଗୌରାଙ୍ଗ ସେଠି ସମର୍ଥନ ଜଣାଇଥିଲେ। ଦୀର୍ଘ ୩ ବର୍ଷ ପରେ ଏହି ଆତ୍ମା ଅଧ୍ୟକ୍ଷ ପଦ ନିର୍ବାଚନ ହୋଇଛି। ଶ୍ରୀ ପଣ୍ଡା ଆତ୍ମା ଅଧ୍ୟକ୍ଷ ପଦବୀରେ ମନୋନୟନ ହୋଇଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ମନୋଜ ଶତପଥୀ, ଉଦ୍ୟାନ କୃଷି ଅଧିକାରୀ,ସମସ୍ତ କୃଷି ଅଧିକାରୀ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ ଶିବିର

ଧରାକୋଟ,୨୬।୫(ସମିସ): ଧରାକୋଟ ବ୍ଲକ ସଭା ଗୃହରେ ଦୁଇ ଦିନ ଧରି ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଇଆର ଓ ତଥା ତହସିଲଦାର ଲମ୍ବୋଦର ମାରାଣ୍ଡି, ଏଇଆରଓ ତଥା ଅତିରିକ୍ତ ବିଡିଓ ଭବାନୀ ଶଙ୍କର ପ୍ରଧାନ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ୧୩୪ ଜଣ ସୁପରଭାଇଜର ଓ ବିଏଲଓଙ୍କୁ ଆସନ୍ତା ୩୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଥିବା ଏସଆଇଆର ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଏଲଓ ମାନେ ପ୍ରତ୍ୟେକ ଗୃହ ପରିଦର୍ଶନ କରି ଭୋଟର ଗଣନା କରିବେ ସେଥିପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୋଗ୍ୟ ନିର୍ବାଚକଙ୍କ ନାମକୁ ଭୋଟର ତାଲିକାରେ ସମ୍ମିଳିତ କରିବା ସହିତ ଅଯୋଗ୍ୟ ଓ ଦ୍ୱିତୀୟ ପଞ୍ଜୀକରଣକୁ କିପରି ରୋକିବା ବୋଲି ଜଣାପଡ଼ିଛି।

## ବିଭିନ୍ନ ଦୋକାନରୁ ତମାଖୁ ଜବତ

ଧରାକୋଟ,୨୬।୫(ସମିସ): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ, ଯୋଗାଣ, ସ୍ୱାସ୍ଥ୍ୟ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଭାବରେ ଧରାକୋଟ, ମୁଣ୍ଡମରାଇ, ତାଳପାଟଣା ଓ ଜାନବିଲିର ବିଭିନ୍ନ ଦୋକାନ ଉପରେ ଚଢ଼ଉ କରାଯାଇ ବିଭିନ୍ନ ଗୁଟଖା ଓ ପୁଡିଆ ଜବତ କରାଯାଇଛି। ଏହି ଚଢ଼ଉରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଡାକ୍ତର ସଚ୍ଚିଦାନନ୍ଦ ବିଷୋୟୀ, ଡାକ୍ତର ଶଙ୍କର ନାରାୟଣ ବେହେରା, ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ, ଏଏସଆଇ ରାଜେନ୍ଦ୍ର ରାଉତ, ସୁପରଭାଇଜର ସୁଜ୍ଞାନୀ ବେହେରା, ରାଜସ୍ୱ ନିରୀକ୍ଷକ ମନୋଜ ମାଝି ପ୍ରମୁଖ ସାମିଲ ହୋଇଥିଲେ। ତମାଖୁ ମୁକ୍ତ ସମାଜ ଗଠନ ପାଇଁ ଆଗକୁ ଏପରି ଚଢ଼ଉ କାର୍ଯ୍ୟକ୍ରମ ଜାରି ରହିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଗଢିବାକୁ ସଚେତନତା

କୁକୁଡାଖଣ୍ଡି,୨୬।୫(ସମିସ): ଗଞ୍ଜାମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ "ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ" କାର୍ଯ୍ୟକ୍ରମ କୁକୁଡାଖଣ୍ଡି ବ୍ଲକର ଆଙ୍କୁଶପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିତା କୁମାରୀ ଭଟ୍ଟ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମିନତୀ ବେହେରାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅଭିଯାନରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପିଆର୍ ସଦସ୍ୟ ଓ ଗ୍ରାମବାସୀ ସାମିଲ ହୋଇ ଆଙ୍କୁଶପୁର ମୁଖ୍ୟ ରାସ୍ତା ଏବଂ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କରିଥିଲେ। ସେହିପରି ହାତରେ ସଚେତନତା ପ୍ଲାକାର୍ଡ ଧରି ସାହି ସାହି ବୁଲି ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ଆଙ୍କୁଶପୁର ପଞ୍ଚାୟତକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ପଞ୍ଚାୟତ ପକ୍ଷରୁ ଅନୁରୋଧ କରାଯାଇଥିଲା। ଆଗାମୀ ଦିନରେ ରତ୍ନପୁର ଓ ରାଇଝୋଳ ଗ୍ରାମରେ ମଧ୍ୟ ଏଭଳି ସ୍ୱଚ୍ଛତା ଅଭିଯାନ କରାଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁନିତା କୁମାରୀ ଭଟ୍ଟ ସୂଚନା ଦେଇଛନ୍ତି।

## ଭାଗବତ କଥାମୃତ ଜ୍ଞାନ ଯଜ୍ଞ

ଶେରଗଡ଼,୨୬।୫(ସମିସ): ଶେରଗଡ ସହର ସ୍ଥିତ କଳିଙ୍ଗ ବୈଶ୍ୟ କଲ୍ୟାଣ ମଣ୍ଡପ ପରିସରରେ ଆଧ୍ୟାତ୍ମିକ ଶକ୍ତି ଜାଗ୍ରତ କେନ୍ଦ୍ର ଓ ଶେରଗଡ ଗ୍ରାମବାସୀଙ୍କ ସହଯୋଗରେ ଏକ ସପ୍ତାହ ବ୍ୟାପୀ ଶ୍ରୀମଦ ଭଗବତ କଥା ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଚୈତନ୍ୟ ମିଶନର ପ୍ରତିଷ୍ଠାତା ଆଚାର୍ଯ୍ୟ ବିଶ୍ୱ ବିସ୍ତୃତ କିର୍ତୀ ନିତ୍ୟଲୀଳା ପ୍ରବିଷ୍ଟ ? ବିଷ୍ଣୁ ପାଦ ୧୦୮ ଶ୍ରୀ ଶ୍ରୀ ଭକ୍ତି ବୈଭବ ପୁରୀ ଗୋସ୍ୱାମୀ ମହାରାଜଙ୍କ ଏକାନ୍ତ ଅନୁଗତ ଶିଷ୍ୟ ବରୀୟାନ ଭାଗବତ ପ୍ରବକ୍ତା ପରମ ପୂଜ୍ୟ ପାଦ ତ୍ରୀଦଣ୍ଡି ସ୍ୱାମୀ ଶ୍ରୀ ଶ୍ରୀମଦ ଭକ୍ତ ଶରଣ ପରମାର୍ଥୀ ମହାରାଜ ଆସି ଆଶ୍ରିବଚନ ପ୍ରଦାନ କରିଛନ୍ତି। ଏହି ଭାଗବତ ସପ୍ତାହ କଥାମୃତ ୨୪ ତାରିଖ କଳସ ଯାତ୍ରା ସହ ବିଶାଳ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇ ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରବଚକ ପରମାର୍ଥୀ ମହାରାଜ ଯୋଗ ଦେଇ ସାମାଜିକ ଜୀବନ କୁ ସରସ, ସୁନ୍ଦର, ସତମାର୍ଗ ରେ ଗଢି ତୋଳିବା ଲାଗି ସତସଙ୍ଗ ର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶେରଗଡ ସହରର ବିଭିନ୍ନ ସଂଘର ବ୍ୟକ୍ତି, ମହିଳା, ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ, ଆଇନଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ପ୍ରବଚନ ଶ୍ରବଣ କରିଥିଲେ।

## ଯୁବକଙ୍କ ଚିକିତ୍ସା ଲାଗି ସହାୟତା ନିବେଦନ

ପୋଲସରା,୨୬।୫(ସମିସ): ପୋଲସରା ମ୍ୟୁନିସିପାଲିଟି ଅନ୍ତର୍ଗତ ନୟାରା ପେଟ୍ରୋଲ ପମ୍ପ ନିକଟରେ ଏକ ଘରୋଇ ବସ ବାଇକ ଚାଳକ ସୁମନ୍ତ କୁମାର ପ୍ରଧାନଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସୁମନ୍ତ ଗୁରୁତର ଆହତ ହୋଇ ଏକ ମାସ ଧରି ଚିକିତ୍ସା ହେଉଛନ୍ତି। କିନ୍ତୁ ସୁମନ୍ତଙ୍କ ଚିକିତ୍ସାରେ କୌଣସି ଉନ୍ନତି ଆସିନାହିଁ ଏବଂ ସେ କୋମାରେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ସୁମନ୍ତଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଆୟୁଷ୍ମାନ କାର୍ଡ ମାଧ୍ୟମରେ ଚିକିତ୍ସାଧୀନ ଅଛନ୍ତି। କିନ୍ତୁ ଦୁର୍ଘଟଣାର ଏକ ମାସ ଅତିକ୍ରମ ହୋଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ସେ କୋମାରୁ ବାହାରି ପାରୁନାହାନ୍ତି। ଯାହାଫଳରେ ବର୍ତ୍ତମାନ ସୁମନ୍ତଙ୍କ ପରିବାର ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି। ପରିବାର ପକ୍ଷରୁ କୁହାଯାଇଛି ଯେ, ଆୟୁଷ୍ମାନ କାର୍ଡର ସମସ୍ତ ସହାୟତା ରାଶି ସମାପ୍ତ ହୋଇଯାଇଛି। ଯାହାକି ତାଙ୍କର ସ୍ଥିତି ଦିନକୁ ଦିନ ଅଧିକ ଗୁରୁତର ହେବାରେ ଲାଗିଛି। ସୁମନ୍ତ ପରିବାରର ବଡ଼ ପୁଅ ହେବାରୁ ସମଗ୍ର ପରିବାର ଏବେ ଆର୍ଥିକ ଓ ମାନସିକ କ୍ଷେତ୍ରରେ ଭାଙ୍ଗି ଭାଙ୍ଗି ପଡିଛନ୍ତି। ଏହିପରି କଷ୍ଟକର ପରିସ୍ଥିତିରେ ସୁମନ୍ତଙ୍କ ପରିବାର ପକ୍ଷରୁ ସରକାର, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଉତ୍ତମ ଚିକିତ୍ସା ସହ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିବେଦନ କରାଯାଇଛି।

## ହିତାଧିକାରୀଙ୍କୁ ଭତ୍ତା ବାଣ୍ଟନ



କବିସୂର୍ଯ୍ୟନଗର,୨୬।୫(ସମିସ): କବିସୂର୍ଯ୍ୟନଗର ବଡ଼ମହୁରି ପଞ୍ଚାୟତରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଶୁଭ ଉଦଘାଟନ କରିବା ସହ ନୂତନ ଭତ୍ତା ବଣ୍ଟନ କରିଛନ୍ତି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ। ବଡ଼ମହୁରି ପଞ୍ଚାୟତ ପରିସରରେ ସରପଞ୍ଚ ନାରାୟଣ ବେହେରା ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨୨ଟି ନୂତନ ଭତ୍ତା ବଣ୍ଟନ କରିଥିଲେ ବିଧାୟକ। ମୁଖ୍ୟଅତିଥି ତଥା ଉଦଘାଟକ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଭୁତସରିସିଂ ସରପଞ୍ଚ ମନୋଜ ଦାସ, ପ୍ରାକ୍ତନ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ପିତାମ୍ବର ସେଠି, ଶିକ୍ଷାବିତ ପୀତବାସ ବିଶ୍ୱାଳ, ସୀମାଞ୍ଚଳ ବେହେରା, ସମାଜସେବୀ ଚନ୍ଦ୍ରଶେଖର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ।

## ବ୍ଲକସ୍ତରୀୟ ଏସ୍‌ଆଇଆର୍ ତାଲିମ



ଛାତ୍ରପୁର,୨୬।୫(ସମିସ): ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁଙ୍କ ଅଧ୍ୟକ୍ଷତାରେ ଏସଆଇଆର ତାଲିମ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଦିବଂଗତ ସୁପଭାଇଜର ରଘୁନାଥ ପ୍ରଧାନଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଶୋକ ପ୍ରସ୍ତାବ ଆଗତକରି ସାମୁହିକ ୨ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ଏବିଡିଓ ଶଶାଙ୍କ ଶେଖର ତରେଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିପିଡିଓ ସୁଦୀପ୍ତ ପଟ୍ଟନାୟକ ଉପସ୍ଥିତ ସମସ୍ତ ବିଏଲଓ ଓ ସୁପରଭାଇଜର ମାନଙ୍କୁ ମାପିଂ ହେବା, ମ୍ୟାପିଂ ହୋଇଥିବା ନାଁ ଗୁଡିକ କିଭଳି ମାର୍କ କରିବା ଓ ଅନ ମ୍ୟାପିଂ ଗୁଡିକ କିଭଳି ଫର୍ମ ଫିଲାପ କରିବା ସମ୍ବନ୍ଧରେ ବୁଝାଇଦେଲେ। ବିଏଲଓ ସୁପ୍ରଭାଇଜର କୈଳାଶ ଚନ୍ଦ୍ର ବେହେରା ସହଯୋଗ କରିଥିଲେ। ସୁପରଭାଇଜର ଜନାର୍ଦ୍ଦନ ଶତପଥୀ, ବିଷ୍ଣୁ ନାରାୟଣ ପଣ୍ଡା, ବିନୋଦ ଚନ୍ଦ୍ର ସେଠୀ, କେଦାରେଶ୍ୱର ରାଓ, ମନୋଜ କୁମାର ତ୍ରିପାଠୀ, ରାମଚନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଛତ୍ରପୁର,୨୬।୫(ସମିସ): ମୁହାଁମୁହିଁ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଚମାଖଣ୍ଡି ଥାନା ଅଧିନ ବଡପୁଟି ଗ୍ରାମର ସୁରେଶ ବେହେରା। ସୂଚନା ଥାଉକି ସୁରେଶ ନିଜ ବାଇକ ଯୋଗେ ଗ୍ରାମରୁ ଛତ୍ରପୁର ଅଭିମୁଖେ ଆସୁଥିବା ବେଳେ କଣମଣା ଗ୍ରାମ କନକ ଦୁର୍ଗା ମନ୍ଦିର ନିକଟରେ ବିପରିତ ଦିଗରୁ ଛତ୍ରପୁରରୁ ବଡପୁଟି ଗ୍ରାମକୁ ଯାଉଥିବା ମହେନ୍ଦ୍ର ବେହେରା ବାଇକ ସହ ଧକ୍କା ହୋଇଥିଲା। ଦୁଇ ଗୁରୁତର ଆହତଙ୍କୁ ଛତ୍ରପୁର ମେଡିକାଲ ଅଣାଯାଇଥିବା ବେଳେ ଡାକ୍ତର ସୁରେଶଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ମହେନ୍ଦ୍ରଙ୍କ ଅବସ୍ଥା ସ୍ଥିର ରହିଛି। ଘଟଣାସ୍ଥଳରେ ଚମାଖଣ୍ଡି ପୁଲିସ ପହଞ୍ଚି ଦୁଇ ବାଇକକୁ ଜବତ କରି ମେଡିକାଲରେ ଶବ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ରଥ ନିର୍ମାଣ କାର୍ଯ୍ୟ ତଦାରଖ କଲା ପ୍ରଶାସନ



ଭଞ୍ଜନଗର,୨୬।୫(ସମିସ): ଆସନ୍ତା ଜୁଲାଇ ୧୬ରେ କୁଲାଡ଼ ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଯାତ୍ରା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ମଙ୍ଗଳବାର ତିନି ଠାକୁର ବିଜେ କରୁଥିବା ରଥର ସ୍ଥିତି ସମୀକ୍ଷା କରିଥିଲେ ଅତିରିକ୍ତ ତହସିଲଦାର ଅବିନାଶ ମାହାର। ରଥର ମୁଖ୍ୟ କାରିଗର ତ୍ରିନାଥ ମହାରଣାଙ୍କ ସହ ଆଲୋଚନା କରି ଆବଶ୍ୟକୀୟ କାଠ ଏବଂ ଉପକରଣ ଯୋଗାଇ ଦେବାପାଇଁ ରାଜସ୍ୱ ନିରୀକ୍ଷକ ଭଗବାନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ଘୁମୁସର ବନଖଣ୍ଡରୁ ଆବଶ୍ୟକ ଥିବା କାଠ ଅଣାଯିବ। ଏଥିସହ ଯାତ୍ରା ନିମନ୍ତେ ଖର୍ଚ୍ଚ ହେବାକୁ ଥିବା ଟଙ୍କା କେଉଁ ମାଧ୍ୟମରେ ଆସିବ ସେ ବିଷୟ ମଧ୍ୟ ଆଲୋଚନା ହୋଇଥିଲା। ପୂଜାର୍ଚ୍ଚନା ସମୟରେ ପୂଜକମାନଙ୍କ ମଧ୍ୟରେ କିଭଳି ଝଗଡା ନହେବ ସେଥିପ୍ରତି ଆଲୋକପାତ କରାଯାଇଥିଲା। ଏହିସମୟରେ ରାଜସ୍ୱ ନିରୀକ୍ଷକ ଭଗବାନ ବେହେରା, ଫରେଷ୍ଟର ଶରତ ଚନ୍ଦ୍ର ମହାନ୍ତି, ମନ୍ଦିର ପରିଚାଳନା କମିଟିର ସଞ୍ଜୟ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ବିଭୂପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାସ୍ତା ଉନ୍ନତିକରଣ ଲାଗି ଶୁଭଦେଲେ ବିଧାୟକ



କବିସୂର୍ଯ୍ୟନଗର,୨୬।୫(ସମିସ): କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗୁଡ଼ିଆଳି, ଭେଟସିଂ ଓ ଟଙ୍କାଛାଇ ରାସ୍ତାର ଉନ୍ନତି କରଣ ପ୍ରକଳ୍ପ ଲାଗି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ରାଜେନ୍ଦ୍ର କୁମାର ନାୟକ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ଗୁଡ଼ିଆଳି ନାଏବ ସରପଞ୍ଚ ଭୀମସେନ ପଣ୍ଡା, ଗଙ୍ଗାପୁର ସମିତିସଭ୍ୟ ହରି ନାହାକ, ଭୁତସରିସିଂ ସରପଞ୍ଚ ମନୋଜ କୁମାର ଦାସ, ପୁରୁଷୋତ୍ତମପୁର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ସମସ୍ତ ୱାର୍ଡ ମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଆସିକା,୨୬।୫(ସମିସ): ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମାସର ପ୍ରତ୍ୟେକ ମଙ୍ଗଳବାର ଯେ କୌଣସି ଏକ ସ୍ଥାନରେ ସମସ୍ତେ ମିଳିମିଶି ସଫେଇ କରିବେ। ସେହି କ୍ରମରେ ଆସିକା ବ୍ଲକର ୨୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ମନ୍ଦିର, କୋଠ ଘର ଏବଂ ଅପରିଷ୍କାର ସ୍ଥାନ ଗୁଡିକ ନିକଟରେ ପହଞ୍ଚି ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପିଇଓ, ଜିଆରଏସ, ଏମବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ସ୍ୱେଚ୍ଛାସେବୀ ପ୍ରମୁଖ ସାମିଲ ଥିଲେ। ଦେବଭୂମି ପଞ୍ଚାୟତର ମାମୁଁ ଝିଅ, ଖାରିଆ, କାଳଷଣ୍ଢପୁର ପଞ୍ଚାୟତ ଭଳି ବିଭିନ୍ନ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

### ହସ୍ତାନ୍ତର ହେଉନି ସ୍ୱାସ୍ଥ୍ୟକେନ୍ଦ୍ର

## ଅସୁବିଧା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା



ଛତ୍ରପୁର,୨୬।୫(ସମିସ): ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ କୋଠା ନିର୍ମାଣ କରିଛନ୍ତି। ହେଲେ ତାହା ଲୋକଙ୍କ କାମରେ ଆସୁନି କି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଯାହାଫଳ ହଜାର ହଜାର ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟ ନେଇ ସୁନ୍ଦରପୁର ଗ୍ରାମରେ ନିର୍ମାଣ ହେଲା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ନିର୍ମାଣ ଶେଷ ହେବା ପରେ ମଧ୍ୟ ଏହାକୁ ହସ୍ତାନ୍ତର ନ କରାଯାଇଥିବାରୁ ତେଜୁଛି ଅସନ୍ତୋଷ। ଏବେ ମଦୁଆଙ୍କ ଆଡ୍ଡା ପାଲଟିଛି ଉକ୍ତ ସ୍ଥାନ। ସୁନ୍ଦରପୁର ପଞ୍ଚାୟତରେ ୧ କୋଟିରୁ ଅଧିକା ଟଙ୍କା ବ୍ୟୟରେ ନିର୍ମାଣ କରାଗଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର। ବିଲଡିଂ ତିଆରି ସରିଛି, ରଙ୍ଗ ମରା ବି ସରିଛି ଖାଲି ସେତିକି ନୁହେଁ ପାଣି, ବିଦ୍ୟୁତ ଓ ଏସି ମଧ୍ୟ ସଂଯୋଗ କରାଯାଇଛି। କିନ୍ତୁ ପ୍ରଶାସନିକ ଇଚ୍ଛା ଶକ୍ତି ଅଭାବରୁ ଆଜି ଯାଏଁ ଏହାକୁ ହସ୍ତାନ୍ତର ନ କରାଯାଇଥିବାରୁ ଉପଯୁକ୍ତ ଚିକିତ୍ସା ପାଇ ପାରୁନାହାନ୍ତି ଗ୍ରାମବାସୀ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଛି ଜନ ଅସନ୍ତୋଷ। ଗ୍ରାମରେ ଏକ ପୁରୁଣା କୋଠାରେ ଚାଲିଛି ସ୍ୱାସ୍ଥ୍ୟ ସେବା। ରୋଗୀଙ୍କ ପାଇଁ ନାହିଁ ଉପଯୁକ୍ତ ସୁବିଧା ସୁଯୋଗ। ଗତ ୨/୩ ବର୍ଷ ତଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏଯାବତ ଲୋକଙ୍କ ପାଇଁ ଏହା ହସ୍ତାନ୍ତର କରାଯାଇନାହିଁ। ନୂତନ ଭାବେ ନିର୍ମିତ ଏହି କୋଠା ଟିରେ ତାଲା ପଡ଼ିଥିବା ବେଳେ ସୁନ୍ଦରପୁରଗ୍ରାମ ସମେତ ଆଖ ପାଖ ୧୦ ଟି ଗ୍ରାମର ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହି କୋଠାକୁ ହସ୍ତାନ୍ତର କରାଗଲେ ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଗ୍ରାମରେ କେହି କୌଣସି ରୋଗରେ ଆକ୍ରାନ୍ତ ହେଲେ ଛତ୍ରପୁର କିମ୍ବା ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ଯାହା ଦ୍ୱାରା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି କୋଠାକୁ ହସ୍ତାନ୍ତର କରି ଲୋକଙ୍କ ସ୍ୱାର୍ଥ ପାଇଁ ଏହାକୁ କାର୍ଯ୍ୟକାରୀ ନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସରପଞ୍ଚ ଗଗନ କୁମାର ବେହେରା, ଅର୍ଜୁନ ବେହେରାଙ୍କ ସମେତ ବହୁ ଗ୍ରାମବାସୀ କହିଛନ୍ତି।

▸▸ ଓସିଏସ୍ ପରୀକ୍ଷା

## ୩୮ ର୍ୟାଙ୍କରେ ପୋଲସରାର କସ୍ତୁରୀ




ପୋଲସରା, ୨୬।୫ (ସମିସ): ପୋଲସରା ପାଇଁ ଗୌରବ ଆଣିଲେ କସ୍ତୁରୀ ଆଚାରୀ ।ଜ୍ଞ ଓଡିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ପୋଲସରା ମ୍ୟୁନିସିପାଲିଟି ବ୍ରାହ୍ମଣ ସାହିର ଅବସାର ପ୍ରାପ୍ତ ରେଭିନ୍ୟୁ କର୍ମଚାରୀ ଡି କାମରାଜୁ ଅଚାରୀଙ୍କ ପୁତ୍ରବଧୂ ତଥା ସାମ୍ବାଦିକ ଜ୍ୟୋତି ରଞ୍ଜନ ଅଚାରୀଙ୍କ ଧର୍ମପତ୍ନୀ କସ୍ତୁରୀ ଆଚାରୀ । ସେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଏଏସ୍ ପରୀକ୍ଷାରେ ୩୮ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ନିଜ କଠିନ ପରିଶ୍ରମ ଓ ଚେଷ୍ଟା ବଳରେ ଦ୍ୱିତୀୟ ଥର ପାଇଁ ପରୀକ୍ଷା ଦେଇଥିଲେ ଏବଂ ଏଥିରେ ଉତ୍ତୀର୍ଣ୍ଣର୍ ହୋଇଥିବା କସ୍ତୁରୀ କହିଛନ୍ତି ।

## ଖଲ୍ଲିକୋଟ ବଡ଼ ଘାଟିରେ କାର୍ ସ୍କୁଟି ଖସିଲା

ଖଲ୍ଲିକୋଟ,୨୬ ।୫ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବଡ଼ ଘାଟି ରାସ୍ତାରେ ଘଟିଛି ଦୁର୍ଘଟଣା । ରାସ୍ତାରେ ତେଲ ପଡିଥିବାରୁ ଚକା ଖସି ଯାଇ ଗୋଟିଏ କାର ଓ ଗୋଟିଏ ସ୍କୁଟି ଦୁର୍ଘଟଣା ଗ୍ରସ୍ତ ହୋଇ ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି । ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଏକ ତେଲ ବୋଝେଇ ଟେଙ୍କରରୁ ତେଲ ଲିକ ହୋଇ ରାସ୍ତାରେ ପଡିଥିଲା । ରାସ୍ତାରେ ତେଲ ପଡିବା ଯୋଗୁଁ ପଛରେ ଆସୁଥିବା ଗୋଟିଏ କାର ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିବା ବେଳେ ଗୋଟିଏ ସ୍କୁଟିର ଚକା ଖସି ଯାଇ ଦୁଇ ଜଣ ତଳେ ପଡି ଆହତ ହୋଇଥିଲେ । ଆହତ ମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଖବର ପାଇ ଖଲ୍ଲିକୋଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆସୁଥିବା ଯାନବାହାନ ଗୁଡିକୁ ଅନ୍ୟ ରାସ୍ତାରେ ଛାଡିବା ସହ ଅଗ୍ନିଶମ ବାହିନୀ ପାଣି ପକାଇ ରାସ୍ତା ଉପରୁ ତେଲ ସଫା କରିଥିଲେ ।

## ଉଦଘାଟନ ଫଳକରେ ସାଂସଦଙ୍କ ନାଁ ନ ଥିବାରୁ ଅସନ୍ତୋଷ



କୋଦଲା,୨୬ ।୫ (ସମିସ): କବିସୂର୍ଯ୍ୟନଗର ବିଜେପିରେ ଗୋଷ୍ଠୀ କନ୍ଦଳ ଉଗ୍ର ରୂପ ନେଇଛି । ବିଧାୟକଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଖୋଦ୍ ଦଳୀୟ କର୍ମୀ ଶିଳାନ୍ୟାସ ଫଳକକୁ ଭାଙ୍ଗି ଚୂରମାର କରିଛନ୍ତି । ସାଂସଦଙ୍କ ନାଁ ନଥିବାରୁ ଏହି ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡିଛି । ମଙ୍ଗଳବାର ସକାଳେ ଭୁତସରସିଂ ଏବଂ ଟଙ୍କଛାଇରେ ଦୁଇ ଦୁଇଟି ଭିତ୍ତିପ୍ରସ୍ତର ଫଳକ ଭାଙ୍ଗିବା ପରେ ଅପରାହ୍ଣରେ କୋଦଲା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶିଳାନ୍ୟାସ ହେବାକୁ ଥିବା ଫଳକକୁ ସାଂସଦ ସମର୍ଥକ ଭାଙ୍ଗିଦେଇଥିଲେ । କୋଦଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି । ମେଡିକାଲ ପରିସରରେ କୋଦଲା ପୁଲିସ ମୁତୟନ ରହିଛି । ଏହି ଫଳକରେ ବିଧାୟକ ପ୍ରତାପ ନାୟକଙ୍କ ନାମ ରହିଥିବା ବେଳେ ସାଂସଦଙ୍କ ନାମ ନଥିବା ନେଇ ସାଂସଦ ସମର୍ଥକ ପ୍ରତିବାଦ କରିବା ସହିତ ଫଳକକୁ ଭାଙ୍ଗିଦେଇଥିବା ଦେଖୁବାକୁ ମିଳିଛି । ଅନ୍ୟପଟେ କବିସୂର୍ଯ୍ୟନଗର ବିଧାୟକ କହିଛନ୍ତି ଏମାନ ବିକାଶ ସହିପାରୁନାହାନ୍ତି, ଏମାନେ ଦଳୀୟ କର୍ମୀ ନୁହନ୍ତି, ଏମାନଙ୍କୁ ଲୋକେ ଉଚିତ ଜବାବ ଦେବେ, ଯେଉଁମାନେ ଫଳକ ଭାଙ୍ଗୁଛନ୍ତି । ସେମାନେ ନକ୍ସଲ ବୋଲି ଆଖ୍ୟା ଦେଇଛନ୍ତି ।

## ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ଅଭିଯାନ

ଖଲ୍ଲିକୋଟ,୨୬ ।୫ (ସମିସ): ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଆମ ଗଞ୍ଜାମ, ସ୍ୱଛ ଗଞ୍ଜାମ ଅଭିଯାନ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ଜିଲ୍ଲାରୁ ପ୍ଲାଷ୍ଟିକ ବ୍ୟବହାର କମାଇବା ଓ ସ୍ୱଛ ପରିବେଶ ସୃଷ୍ଟି କରିବା । ପ୍ରତ୍ୟେକ ମଙ୍ଗଳବାର ଦିନ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଗୋଟିଏ ପଞ୍ଚାୟତରେ ଏହି ଅଭିଯାନ ମାଧ୍ୟମରେ



ସଚେତନତା ସୃଷ୍ଟି କରିବା ସହ ସଫା ସୁତୁରା କରାଯିବ । ଯେଉଁଥିରେ ଛାତ୍ରଛାତ୍ରୀ, ଯୁବକ ଯୁବତୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ସାମିଲ ହୋଇବେ । ଖଲ୍ଲିକୋଟ ବ୍ଲକର ଲଙ୍ଗଳେଶ୍ୱର ପଞ୍ଚାୟତରେ ଏହି ଅଭିଯାନ ଅନୁଷ୍ଠିତ ହୋଇଛି । ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପିଡି ସମିର କୁମାର ଜେନା, ବିଡ଼ିଓ ଦେବାଶିଷ ସାମଲ, ବିପିଏମ କାଦମ୍ବିନୀ ନାୟକ, ସରପଞ୍ଚ ରମେଶ ଚନ୍ଦ୍ର ସାହୁ ସମେତ ଅନ୍ୟାନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ଲଙ୍ଗଳେଶ୍ୱର ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ରାସ୍ତା ସଫା କରାଯାଇଥିଲା ।

# ପାନୀୟ ଜଳ ଲାଗି କଲବଲ ପୁରୁଣା ଛତ୍ରପୁର ଗ୍ରାମବାସୀ

ଛତ୍ରପୁର,୨୬ ।୫ (ସମିସ)



ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ପାନୀୟ ଜଳ ସମସ୍ୟା ଲୋକଙ୍କୁ ଆହୁରି ଅଧିକ କଲବଲ କରୁଛି । ଶୁଖିଲା ପଡିଛି ପୋଖରୀ, ଅଚଳ ହୋଇ ପଡିଛି ନଳକୂପ । ବଢୁଛି ଜନ ଅସନ୍ତୋଷ । ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଅଧିନ ପୁରୁଣା ଛତ୍ରପୁର ଗ୍ରାମରେ ଦେଖା ଦେଇଛି ଜଳ ସଙ୍କଟ । ଏହି ଗ୍ରାମକୁ ଛତ୍ରପୁର ପୌର ପରିଷଦରେ ମିଶ୍ରଣ କରାଯାଇଥିଲେ ମଧ୍ୟ ଦୀର୍ଘ ଦିନ ଧରି ଏଠାରେ ଥିବା ପାନୀୟ ଜଳ ସମସ୍ୟାର ସମାଧାନ କରାଯାଇପାରୁ ନଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି । ଗ୍ରାମରେ ୧୩ଟି ପୋଖରୀ ରହିଥିଲେ ମଧ୍ୟ କୌଣସି ପୋଖରୀରେ ପାଣି ନାହିଁ, ଶୁଖିଲା ପଡିଛି । ସେପଟେ ଗ୍ରାମରେ ଥିବା କେତେକ ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଥିବା ବେଳେ କେତେକ ନଳକୂପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ରୁ ଲୋକେ ପାନୀୟ ଜଳ ପାଇଁ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି । ଗତ ୨ ରୁ ୩ ମାସ ତଳେ ଛତ୍ରପୁର ବିଡିଓଙ୍କ ନେତୃତ୍ୱରେ ନଳକୂପ ଖନନ କରାଯାଇଥିଲେ ମଧ୍ୟ ତାର କାର୍ଯ୍ୟ ସରିନଥିବାରୁ ପାନୀୟ ଜଳ ଲାଗି ସମସ୍ୟା ଦେଖାଦେଇଛି । ଦିନକୁ ଏକ ଘଣ୍ଟା ଲେଖାଁଏ ପାଣି ଆସୁଥିଲେ ମଧ୍ୟ ତାହା ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ହେଉନଥିବାରୁ ତୁରନ୍ତ ପାନୀୟ ଜଳର ସମାଧାନ କରିବା ପାଇଁ ଦାବି ହେଉଛି । ଗ୍ରାମରେ ଘରକୁ ଘର ପାନୀୟ ଜଳ ଯୋଗାଣ ହୋଇନଥିବା ବେଳେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇ ପାରୁନାହାନ୍ତି । ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ଗ୍ରାମର ବହୁ ବୁଦ୍ଧିଜିବୀ ଓ ଗ୍ରାମବାସୀ ଦାବି କରିଛନ୍ତି । ଘଣ୍ଟାଏ ଜଳ ଯୋଗାଣ ଦ୍ୱାରା ଲୋକେ ଆବଶ୍ୟକ ଅନୁଯାୟୀ ପାଣି ପାଉପାରିନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଯାଗାରେ ନଳକୂପ ଖନନ କରାଯାଇଛି, ଆଗାମୀ ଦିନରେ ସେଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ କମଳ ଲୋଚନ ନାୟକ । ସେପଟେ ପାନୀୟ ଜଳ ଯୋଗାଣ ଲାଗି ପାଇପ ସଂଯୋଗ କରାଯାଇଛି, ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକଙ୍କୁ ଘରକୁ ଘର ପାନୀୟ ଜଳ ଯୋଗାଣ କରାଯାଇପାରିବ ବୋଲି ମଧ କନିଷ୍ଠ ଯନ୍ତ୍ରୀ କହିଛନ୍ତି ।

## ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବରେ ଖଣି ମନ୍ତ୍ରୀ



ଦିଗପହଣ୍ଡି,୨୬ ।୫ (ସମିସ): ଦିଗପହଣ୍ଡି ସହର ଉପକଣ୍ଠ କୁଶପଡ଼ା ଗ୍ରାମ ନିକଟ କମାପଡିଆ ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଶୈବପୀଠ ଜିର୍ଣ୍ଣୋଦ୍ଧାର ମହୋତ୍ସବ ଓ ଶତରୁଦ୍ର ମହାଯଜ୍ଞର ତୃତୀୟ ଦିବସରେ ମଙ୍ଗଳବାର ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ । ଯଜ୍ଞ ପରିଚାଳନା କମିଟିର ନିମନ୍ତ୍ରଣ ରକ୍ଷାକରି ମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମନ୍ତ୍ରୀ ମହାଯଜ୍ଞ ସ୍ଥଳ ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଯଜ୍ଞ ପରିଚାଳନା କମିଟି ସଭାପତି ତଥା ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉଦ୍ୟୋକ୍ତା ଅମ୍ବିକା ପ୍ରସାଦ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ବଡ଼ଖେମୁଣ୍ଡି ରାଜପୁତ୍ର ସିଦ୍ଧାନ୍ତ ଗଙ୍ଗଦେବ, ମହନ୍ତ ଚିନ୍ମୟାନନ୍ଦ ଦାସ, ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ବିଜୟ ପ୍ରଧାନ, ବାପି ପ୍ରଧାନ, ଭବାନୀ ଶଙ୍କର ପଣ୍ଡା, ପ୍ରଶାନ୍ତ ପୂଜାରୀ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଯଜ୍ଞକୁଣ୍ଡ ସ୍ଥଳରେ ମୁଖ୍ୟ କର୍ତ୍ତା ରୂପେ ଗୌରାଙ୍ଗ ସାହୁ ଓ ତାଙ୍କ ସହଧର୍ମିଣୀ କୁମୁଦିନୀ ସାହୁଙ୍କ ସମେତ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଓ ତାଙ୍କ ସହଧର୍ମିଣୀ ସଙ୍ଗୀତା ତ୍ରିପାଠୀ, ଶିକ୍ଷକ ସୁବ୍ରତ କୁମାର ପାଢୀ ଓ ସଂଯୁକ୍ତା ପାଳ, ପ୍ରଦୀପ ପଣ୍ଡା ଓ ମନୀକା ପଣ୍ଡା, ରମା ବଲ୍ଲଭ ପଣ୍ଡା ଓ ସୁକାନ୍ତି ପଣ୍ଡା ପ୍ରମୁଖ ଯଜ୍ଞକର୍ତ୍ତା ରୂପେ ଆସନ ଅଳଙ୍କୃତ କରିଥିଲେ । ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ ଯଜ୍ଞ ସ୍ଥଳରେ ଦେବତାଙ୍କ ଧାନାଧିବାସ ପୂଜାର୍ଚ୍ଚନା କରିବା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାଯଜ୍ଞ ପରିଚାଳନା କମିଟି ଉପଦେଷ୍ଟା ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, ପ୍ରମୋଦ ପାଣିଗ୍ରାହୀ, ଭି.ଧର୍ମ ରାଜୁ, ରାମନାଥ ବିଷୋୟୀ, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ବିଚିତ୍ରାନନ୍ଦ ପଟ୍ଟନାୟକ, କମିଟି ଉପ ସଭାପତି ବସନ୍ତ ପଟ୍ଟନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

▸▸ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା

## ଚାଷୀ ପୁଅ ଶୁଭେନ୍ଦୁ ୱାଡାକାଙ୍କ ସଫଳତା

ବିଷମ କଟକ,୨୬।୫ (ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଇଲାକା ଭାବେ ପରିଚିତ ଥୁଆପାଡି ପଞ୍ଚାୟତର ବଡଲିମା ଗ୍ରାମର ଚାଷୀ ପୁଅ ଶୁଭେନ୍ଦୁ ୱାଡାକା ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଜି ପ୍ରକାଶ ପାଇଥିବା ଓଡିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ତାଲିକାରେ ଶୁଭେନ୍ଦୁ ସ୍ଥାନ ପାଇଛନ୍ତି । ବଡଲିମା ଗ୍ରାମର ଦିନବନ୍ଧୁ ୱାଡାକାଙ୍କ ପୁଅ ଶୁଭେନ୍ଦୁ ଗାଁ ବିଦ୍ୟାଳୟର ତାଙ୍କ ଶିକ୍ଷା ଆରମ୍ଭ କରି ମୁନିଗୁଡା ବ୍ଲକ ଅନ୍ତର୍ଗତ ଆମ୍ବାଦଳା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ ପାଠ ପଢିଛନ୍ତି । ପରବର୍ତ୍ତୀ ସମୟରେ ସେ ଦ୍ୱାଦଶ ଭୁବନେଶ୍ୱର ସ୍ଥିତ କିସ୍ ବିଦ୍ୟାଳୟ ଏବଂ ବିଜେପି ମହାବିଦ୍ୟାଳୟରେ ଯୁକ୍ତ ତିନି ପାଠକ୍ରମ ସମାପ୍ତ କରି ଉତ୍କଳ ବିଶ୍ୱିବିଦ୍ୟାଳୟରେ ପି.ଜି ଅଧ୍ୟୟନ ସାଙ୍ଗକୁ ଓଡିଶା ପ୍ରଶାନସିକ ସେବା ନିମନ୍ତେ ନିଜକୁ ପ୍ରସ୍ତୁତ କରି କୃତକାର୍ଯ୍ୟ ହୋଇଛନ୍ତି । ଶୁଭେନ୍ଦୁଙ୍କ ସଫଳତା ପରିବାର ତଥା ନିଜ ଜନ୍ମମାଟି ପାଇଁ ଗୌରବର



ବିଷୟ । ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଖବର ବଡଲିମା ଗାଁରେ ପହଞ୍ଚିବା ପରେ ବିଭିନ୍ନ ମହଲରୁ ଶୁଭେନ୍ଦୁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ତାଙ୍କର ଏହି ସଫଳାତା ପାଇଁ ନିଜ ବାପା' ମା' ଓ ଗୁରୁଜନଙ୍କୁ ସେ ଏହାର ଶ୍ରେୟ ଦେଇଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ,୨୬।୫ (ସମିସ): ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନରେ । ମୃତ୍ୟୁବରଣ କରିଥିବା ଯୁବକ ଜଣକ ହେଲେ ପଡୋଶୀ ଛତିଶଗଡ ରାଜ୍ୟର ପିପଲଖଟା ଗ୍ରାମର ପୁନିତ ରାମ ମସମ (୩୫) । ମିଳିଥିବା ସୂଚନା ଅନୁସାରେ ପୁନିତ ରାମ ଆଜି ବାଇକ୍ ଯୋଗେ ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଅଞ୍ଚଳା ଗ୍ରାମରେ ଥିବା ସମ୍ପର୍କୀୟ ଘରକୁ ବୁଲିବାକୁ ଆସିଥିଲେ । ଘରକୁ ଫେରୁଥିବା ସମୟରେ ଅଞ୍ଚଳା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଖବରପାଇ ଗୁରୁତର ଅବସ୍ଥାରେ ସମ୍ପର୍କୀୟ ଲୋକେ ପୁନିତକୁ ଉଦ୍ଧାର କରି ଏକ ବେସରକାରୀ ଗାଡ଼ିରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । କିନ୍ତୁ ଡାକ୍ତରଖାନାରେ ଡାକ୍ତର ପୁନିତକୁ ମୃତ ଘୋଷଣା କରିଥିଲେ ।

## ନର୍ସିଂ ଛାତ୍ରଛାତ୍ରୀଙ୍କ ଥାଇରଏଡ୍ ସଚେତନତା କାର୍ଯ୍ୟକ୍ରମ

ରାୟଗଡ, ୨୬।୫ (ସମିସ):



ବିଶ୍ୱ ଥାଇରଏଡ୍ ଦିବସ ଅବସରରେ ସେଞ୍ଚୁରିଅନ ୟୁନିଭର୍ସିଟି ସ୍କୁଲ ଅଫ୍ ନର୍ସିଂ, ରାୟଗଡ କ୍ୟାମ୍ପସର ଛାତ୍ରଛାତ୍ରୀମାନେ ଆଜି ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ଏକ ବ୍ୟାପକ ୱାର୍ଡ ଟିଚିଂ ପ୍ରୋଗ୍ରାମ୍ ଆୟୋଜନ କରି ଥାଇରଏଡ୍ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ । ୨୦୨୬ ମସିହାର ବିଶ୍ୱ ଥାଇରଏଡ୍ ଦିବସର ଥିମ୍ 'ଥାଇରଏଡ ଆଣ୍ଡ ନ୍ୟୁଟ୍ରିସନ'କୁ ଆଧାର କରି ଏହି କାର୍ଯ୍ୟକ୍ରମରେ ପୋଷଣ ଓ ଥାଇରଏଡ୍ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମକୁ ବିଏସ୍‌ସି ନର୍ସିଂ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀମାନେ ନେତୃତ୍ୱ ଦେଇଥିଲେ । ସେମାନେ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ପ୍ରାୟ ୩୮ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ଥାଇରଏଡ୍ ରୋଗ, ତାହାର ଲକ୍ଷଣ, ପ୍ରତିରୋଧ ଓ ପରିଚାଳନା ବିଷୟରେ ସରଳ ଭାଷାରେ ବୁଝାଇଥିଲେ । ରଙ୍ଗିନ ଚାର୍ଟ, ପୋଷ୍ଟର ଓ ଶିକ୍ଷାମୂଳକ ସାମଗ୍ରୀ ମାଧ୍ୟମରେ ସେମାନେ ଜଟିଳ ଚିକିତ୍ସା ସୂଚନାକୁ ସହଜ ଭାବେ ଉପସ୍ଥାପନ କରିଥିଲେ । ବିଶେଷକରି ହାଇପୋଥାଇରଏଡିଜମ୍ ଓ ଗଏଟର ଭଳି ରୋଗର ପ୍ରତିରୋଧ ଏବଂ ଚିକିତ୍ସାରେ ଆୟୋଡିନ୍, ସେଲେନିୟମ୍ ଓ ଜିଙ୍କ୍ ପରି ମାଇକ୍ରୋନ୍ୟୁଟ୍ରିଏଣ୍ଟର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ସେହିପରି " ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ ), ରାୟଗଡର ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ସୋମବାର ଦିନ ବିଶ୍ୱ ସ୍କିଜୋଫ୍ରେନିଆ ଦିବସ ପାଳନ କରାଯାଇଥିଲା । ଅଧିକାରିକ ଭାବେ ଏହି ଦିବସ ୨୪ ମେ (ରବିବାର) ପଡ଼ିଥିବାରୁ ୟୁନିଭର୍ସିଟି ପକ୍ଷରୁ ପରବର୍ତ୍ତୀ ଦିନ ଏକ ବ୍ୟାପକ ସଚେତନତା ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସମଗ୍ର କାର୍ଯ୍ୟକ୍ରମକୁ ବି.ଏସ୍.ସି. ନର୍ସିଂ ୫ମ ସେମିଷ୍ଟର ଛାତ୍ରଛାତ୍ରୀମାନେ ଆୟୋଜନ ଓ ପରିଚାଳନା କରିଥିଲେ । ସେମାନେ ନିଜ ସହପାଠୀ ନର୍ସିଂ ଛାତ୍ରଛାତ୍ରୀଙ୍କୁ ମାନସିକ ସ୍ୱାସ୍ଥ୍ୟ ଓ ମନୋଚିକିତ୍ସା ସମ୍ପର୍କିତ ସଚେତନ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୩୦ ଜଣ ବିଏସ୍‌ସି. ନର୍ସିଂ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗ ଦେଇଥିଲେ । ସ୍କିଜୋଫ୍ରେନିଆ ରୋଗର ଚିକିତ୍ସା ଓ ସାମାଜିକ ପ୍ରଭାବକୁ ସହଜରେ ବୁଝାଇବା ପାଇଁ ଛାତ୍ରଛାତ୍ରୀମାନେ ଶିକ୍ଷାମୂଳକ ପ୍ରସ୍ତୁତି, ଭ୍ରାନ୍ତିଧାରଣା ଦୂରୀକରଣ ସେସନ୍ ଏବଂ ପରିବାର ଓ ସେବାଦାତାଙ୍କ ସମସ୍ୟାକୁ ଉପସ୍ଥାପନ କରୁଥିବା ଏକ ସଚେତନତାମୂଳକ ନାଟିକା ପ୍ରଦର୍ଶନ କରିଥିଲେ ।

**ଖେଳରେ ପରିବେଶ ସଚେତନତା ବାର୍ତ୍ତା**

# ଓଏସ୍‌ପିସିବି-ଉତ୍କଳ ଆଦିତ୍ୟ ରିଫାଇନେରୀ କ୍ରିକେଟ୍ ମ୍ୟାଚ୍



ଟିକିରୀ,୨୬।୫ (ସମିସ): ରାୟଗଡ଼ ଜିଲ୍ଲା ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଉତ୍କଳ ଆଲୁମିନା, ଉତ୍କଳ ଆଦିତ୍ୟ ରିଫାଇନେରୀ ଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଓଏସପିସିବି) ମଧ୍ୟରେ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଅଭିଯାନ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସ୍ଥାନୀୟ ଓଷାପଡ଼ା ସ୍ଥିତ ଟାଉନସିପ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ୨୦ ଓଭର ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସିତିକାନ୍ତ ସାହୁ, ବଲାଙ୍ଗିର ଆଞ୍ଚଳିକ ଅଧିକାରୀ ବବିତା ସିଂ, ପରିବେଶ ଯନ୍ତ୍ରୀ ଦେବବ୍ରତ ସେଠୀ, ବରିଷ୍ଠ ପରିବେଶ ଯନ୍ତ୍ରୀ ସନ୍ତୋଷ ପଣ୍ଡା, ସମ୍ବଲପୁର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ, ରାଉରକେଲା ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ, ରାୟଗଡା ଆଞ୍ଚଳିକ ଅଧିକାରୀ ଅଶୋକ କୁମାର ଭୋଇ, ରାୟଗଡା ଉପ-ଯନ୍ତ୍ରୀ ରେପୁ କୁମାର ସାହୁ, ୟୁଆଇଏଏଲ ୟୁନିଟ୍ ମୁଖ ରବି ନାରାୟଣ ମିଶ୍ର ଓ ଆଦିତ୍ୟ ରିଫାଇନେରୀର ପ୍ରୋଜେକ୍ଟ ମୁଖ୍ୟ ମଜହର ବେଗ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଉଦବୋଧନ ଦେଇ କହିଥିଲେ ଯେ, ପ୍ରଦୂଷଣ ଜନିତ ବିପଦକୁ ହ୍ରାସ କରିବା, ପଲିଥିନ୍ ବ୍ୟବହାରକୁ ନିରୁତ୍ସାହିତ କରିବା ଓ ପ୍ରାକୃତିକ ସମ୍ପଦର ସୁବ୍ୟବହାର ମାଧ୍ୟମରେ ପରିବେଶର ସୁରକ୍ଷା କରି ଏକ ସ୍ଥାୟୀ ଭବିଷ୍ୟତ ଗଢ଼ି ତୋଳିବା ଆବଶ୍ୟକ । ବରିଷ୍ଠ ପରିବେଶ ଯନ୍ତ୍ରୀ ଦିଲୀପ ଦାସ ମଧ୍ୟ ସମାବେଶକୁ ସମ୍ବୋଧନ କରି ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ଭବ ଥିଲେ ଗାଡ଼ି ପରିବର୍ତ୍ତେ ସାଇକେଲ୍ ବ୍ୟବହାରକୁ ଉତ୍ସାହିତ କରିଥିଲେ । ମ୍ୟାଚ୍‌ରେ ଓଏସପିସିବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯୪ ରନ୍ ସଂଗ୍ରହ କରିଥିଲା । ପରବର୍ତ୍ତୀ ସମୟରେ ଉତ୍କଳ ଆଦିତ୍ୟ ରିଫାଇନେରୀ ଦଳ ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ମାତ୍ର ୩ ରନ୍‌ରେ ପରାଜିତ ହୋଇଥିଲା । ଫଳରେ ମ୍ୟାଚ୍‌ଟି ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସପିସିବିର ପ୍ରାୟ ୫୯ ଜଣ ସଦସ୍ୟ ଯୋଗଦେଇଥିବା ବେଳେ ଉତ୍କଳ ଆଦିତ୍ୟ ରିଫାଇନେରୀ ପକ୍ଷରୁ ନାରାୟଣ ମିତ୍ର, କିରଣ ନାୟକ, ସମୀର ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପରିବେଶ ବିଭାଗର ସୁରେନ୍ଦ୍ର ସିଓରାନ, ଚନ୍ଦନ ଚୌଧୁରୀ, ସୁବ୍ରମଣ୍ୟୁ କୁଣ୍ଡ ଓ ଅନ୍ୟ ସଦସ୍ୟମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ସମସ୍ତ ଅତିଥିମାନେ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେଇଥିଲେ । ଏହି ପଦକ୍ଷେପ ଉତ୍କଳ ଆଲୁମିନା ଓ ଆଦିତ୍ୟ ରିଫାଇନେରୀର ପରିବେଶ ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ଓ ସମସ୍ତ ହିତଧାରୀଙ୍କ ସହ ସହଯୋଗମୂଳକ ସମ୍ପର୍କର ପ୍ରତିଫଳନ ପ୍ରମାଣିତ କରିଛି ।

## ବିଏସ୍‌ଏସ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାପଡାହାଣ୍ଡି, ୨୬।୫ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଗ୍ରାମପଞ୍ଚାୟତ କେନ୍ଦୁଗୁଡା ଠାରେ ଆଜି ବିଏସଏସ ଆନ୍ତଃ ଜିଲ୍ଲା କ୍ରିକେଟ ଟର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି । ଏହି ଟର୍ଣ୍ଣାମେଣ୍ଟରେ ମୋଟ ୧୬ଦଳ ଭାଗ ନେଇଛନ୍ତି । ଆଜି ପ୍ରଥମେ ଜାମ୍ବୁଗୁଡା ଓ ତୁରୁଞ୍ଜିଆ ଗୁଡ଼ା ମଧ୍ୟରେ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଚରମୁଲା ଓ ସିନ୍ଧିଗୁଡା ମଧ୍ୟରେ ହେଇଥିଲା । ଏହି ଟର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଓ ସମ୍ମାନୀୟ ଅତିଥି ରୂପେ ମୈଦଲପୁର ସରପଞ୍ଚ ବନିତା ପଟ୍ଟନାୟକ, ସାମ୍ବାଦିକ ନିର୍ମଳ ବିଷୋୟୀ, ନନ୍ଦ କୁମାର ବିଷୋୟୀ, ସନ୍ତୋଷ କୁମାର ପାଣିଗ୍ରାହୀ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଥମେ ଅତିଥିଙ୍କୁ ଗ୍ରାମର ମାନ୍ୟଗଣ ବ୍ୟକ୍ତି ପୁଷ୍ପମାଲ୍ୟ ଦେଇ ପଡିଆ ଭିତରକୁ ପାଛୋଟି ନେଇଥିଲେ । ବ୍ଲକ୍ ଉପାଧ୍ୟକ୍ଷ ନିଜ ଅଭିଭାଷଣରେ ଏକ ଖେଳ ପଡ଼ିଆର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ବିଦ୍ୟୁତ ଆଘାତରେ କର୍ମଚାରୀ ଗୁରୁତର



ପାରଳାଖେମୁଣ୍ଡି,୨୬।୫(ସମିସ): ପାରଳାଖେମୁଣ୍ଡି ସହର କେଉଟ ସାହିରେ ମରାମତି କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ଗରୁତର ଆହାତ ହୋଇଥିବାଜଣାପଡିଛି । ତାଙ୍କୁ ବିଦ୍ୟୁତ ଖୁଣ୍ଟରେ ଝୁଲନ୍ତା ଅବସ୍ଥାରେ ଅନ୍ୟ କର୍ମଚାରୀ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନଆସିବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜିକୁ ଅଧିକ ଚିକିତ୍ସା ନିମନ୍ତେ ପଠାଯାଇଛି । ଚାରି ଦିନ ହେଲା କେଉଟ ସାହି ନିକଟରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରଟି ଓଭର ଲୋଡିଂ ଯୋଗୁଁ ଲଗାଦାର ଭାବେ ଚାରି ରାତିରେ ବାଣ ଫୁଟିବା ପରି ଶବ୍ଦ ହୋଇ ନିଆଁ ଲାଗିଯାଉଥିଲା । ଯାହାକୁ ବିଦ୍ୟୁତ୍ କର୍ମଚାରୀ ୪ ଦିନ ହେଲା କାମ କରିଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରିନି । ଟିପିଏସ୍ଓଡିଏଲ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଅନେକ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଆଜି ମଧ୍ୟ କାମ ଆରମ୍ଭ ହୋଇଥିଲା। ଏକ ବିଦ୍ୟୁତ ଖୁଣ୍ଟରୁ ଖରାପ ହୋଇଥିବା ଟ୍ରାନ୍ସଫର୍ମରପର୍ଯ୍ୟନ୍ତକେବୁଲକାମକରୁଥିବାବେଳେଏପରିଅଘଟଣହୋଇଛି ।ଗୁରୁତର ହୋଇପଡିଥିବା କର୍ମଚାରୀ ଜଣଙ୍କ ନାମ ଅଜୁ ନାଇକ ଏବଂ ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଜାମୁକେଶ୍ୱର ଅନ୍ତର୍ଗତ ବାଲିସୋଦ୍ରା ଗ୍ରାମ । ସେ ଜଣେ ବିଦ୍ୟୁତ ଆବର୍ଣ୍ଟନ ପାଇଁ ଠିକା ନେଇଥିବା ଅଖଣ୍ଡଳମଣି କମ୍ପାନୀର କର୍ମଚାର । କାମ କରିବା ସମୟରେ ମୁଖ୍ୟ ଲାଇନର ବିଦ୍ୟୁତ ସରାବହ ବନ୍ଦ କରାଯାଇଥିଲେ ମଧ୍ୟ ଏପରି ଘଟିଛି । ଯାହାକୁ ନେଇ ବିଭାଗ ପକ୍ଷରୁ ଅନୁସନ୍ଧାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ ସାହୁ କହିଛନ୍ତି ।

## ମୂଳ ଦରମା ସଂଶୋଧନ ଦାବିରେ ସ୍ମାରକପତ୍ର



ବ୍ରହ୍ମପୁର,୨୬।୫(ସମିସ): ଓଡ଼ିଶା ଫାର୍ମାସୀ ସେବା ସଂଘ ଏମକେସିଜି ମେଡ଼ିକାଲ ଶାଖା ପକ୍ଷରୁ ମୂଳ ଦରମା ସଂଶୋଧନ ଦାବି କରାଯାଇଛି । ଏନେଇ ରାଜ୍ୟ ସଂଘର ଡାକରାରେ ଏମକେସିଜି ମେଡ଼ିକାଲ ଶାଖା ପକ୍ଷରୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାଶଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଦେଶର ଅନ୍ୟ ରାଜ୍ୟ ଭଳି ଭାରତୀୟ ଫାର୍ମାସୀ କାଉନସିଲର ପ୍ରସ୍ତାବିତ ଚିଠା ଅନୁସାରେ ଫାର୍ମାସୀ ଅଫିସରଙ୍କ ମୂଳ ଦରମା ଓଏସଆରପି-୨୦୧୭ ଅନୁଯାୟୀ-ପିବି-୨ କରିବାକୁ ଦାବି କରାଯାଇଛି । ଫାର୍ମାସୀ ଅଧିକାରୀମାନେ ମାଗଣା ଔଷଧ ବଣ୍ଟନ ଯୋଜନା ନିରାମୟ କାର୍ଯ୍ୟ ଠାରୁ ଆରମ୍ଭ କରି ଯନ୍ତ୍ରପାତିର ରକ୍ଷଣାବେକ୍ଷଣା ଭଳି ବିଭିନ୍ନ କାର୍ଯ୍ୟ କରୁଛନ୍ତି । ସେହିକ୍ରମରେ ଫାର୍ମାସୀ ଅଧିକାରୀଙ୍କ ମୁଳ ଦରମାର ସଂଶୋଧନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଦାବିପତ୍ର ଦେବା ସମୟରେ ଏମକେସିଜି ମେଡ଼ିକାଲ ଶାଖାର ସଭାପତି ସୀମାଞ୍ଚଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ସିଏଚ୍. କିରନ ସୁବୁଦ୍ଧି, ଉପ ସଭାପତି ନିର୍ମଳ କୁମାର ସାହୁ, ସେବବ୍ରତ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଫାର୍ମାସୀ ଅଧିକାରୀ ଉପସ୍ଥିତ ଥିଲେ ।

## ଗୋଷାଣି ବ୍ଲକସ୍ତରୀୟ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି ପାଇଁ ତାଲିମ



ପାରଳାଖେମୁଣ୍ଡି,୨୬।୫(ସମିସ): ଗୋଷାଣି ବ୍ଲକର ସମସ୍ତ ବୁଥ୍‌ସ୍ତରୀୟ ଅଫିସର୍ ଏବଂ ସୁପରଭାଜରଙ୍କ ନିମନ୍ତେ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟରେ ଏକ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ଆଜି ଗୋଷାଣି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମରେ ୯୧ ଜଣ ବିଏଲ୍ଓ ଏବଂ ୯ ଜଣ ବିଏଲ୍ଓ ସୁପରଭାଇଜର ଯୋଗ ଦେଇ ବିଭିନ୍ନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରୋଇ ସଂଶୋଧନ, ଫର୍ମ ଫିଲପ୍, ଅଯୋଗ୍ୟ ମତଦାତାଙ୍କ ନାମ ଅପସାରଣ, ନୂତନ ମତଦାତାଙ୍କ ସଂଯୋଗ, ସମୟସୀମା, ବିଚାର-ବିମର୍ଶ ପ୍ରକ୍ରିୟା ଏବଂ ବିଏଲ୍ଓ ଆପ୍ ସମ୍ବନ୍ଧରେ ବିଶଦ ବ୍ୟାଖ୍ୟା କରାଯାଇଥିଲା । ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର ଏବଂ ପ୍ରାକ୍ଟିକାଲ ମାଧ୍ୟମରେ ତାଲିମର ସ୍ୱଷ୍ଟତା ପ୍ରାପ୍ତ କରିଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ ଯୋଜନା ଅନ୍ତର୍ଗତ ମତଦାତା ସୂଚୀ ଉପରେ ଆଧାରିତ ଭାବରେ ଘରୋଇ ସଂଶୋଧନ ସମୟରେ ସମସ୍ତ ବିଏଲ୍ଓ ନିଷ୍ଠାପୂର୍ବକ କାର୍ଯ୍ୟକରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ପାରଦର୍ଶିତା ସୃଷ୍ଟି କରିବା ଆବଶ୍ୟକ । ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା । ପ୍ରଖର ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପାନୀୟ ଜଳ, ଓଆରଏସ ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟାରୁ ଦିନ ୧୧ଟା ଏବଂ ଅପରାହ୍ଣ ୪ଟାରୁ ରାତି ୭ଟା ମଧ୍ୟରେ ଉଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ତାଲିମ କାର୍ଯ୍ୟକ୍ରମରେ ବ୍ଲକର ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଯୋଗଦେଇ ତାଲିମାର୍ଥିଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

# ହରିଡ଼ାଖଣ୍ଡି ପୋଖରୀ କୂଳ ସଫାକଲେ ସଚେତନ ନାଗରିକ

ବ୍ରହ୍ମପୁର,୨୬।୫(ସମିସ)



ସ୍ୱଚ୍ଛତା ବିନା ଗଞ୍ଜାମ ଗୌରବ ଅଧୁରା । କଳା, ସାହିତ୍ୟ ଓ ସଂସ୍କୃତି ପାଇଁ ବିଶ୍ୱବିଦିତ ଗଞ୍ଜାମକୁ ସ୍ୱଚ୍ଛତାରେ ମଧ୍ୟ ଶ୍ରେଷ୍ଠ କରିବାର ସମୟ ଆସିଛି । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ଅଭିଯାନ । ଏହି ଅଭିଯାନର ଲକ୍ଷ୍ୟ ହେଉଛି "ମିଶନ୍ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି" । ଅତଏବ, ଜିଲ୍ଲାରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା । ଏହାକୁ ଏକ ସରକାରୀ ଅଭିଯାନରେ ସୀମିତ ନ ରଖି ଏହାକୁ ଏକ ସାମୁହିକ ଅଭିଯାନରେ ପରିଣତ କରିବାକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଆମ ପ୍ରକୃତି ଓ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଆମର ଦାୟିତ୍ୱ ତେଣୁ ପ୍ରତ୍ୟେକ ମଙ୍ଗଳବାର ଆମ ଗାଁ ଆମ ସାହି ଅର୍ଥାତ ନିଜ ନିଜ ଗାଁ ନିଜ ନିଜ ସାହି ପାଇଁ ସ୍ୱେଚ୍ଛାକୃତ ଭାବରେ ସମୟ ଦେବା ଓ ଗଞ୍ଜାମକୁ ଏକ ଅନୁକରଣୀୟ ଜିଲ୍ଲା ଭାବେ ଗଢି ତୋଳିବା ବୋଲି ଜିଲ୍ଲାପାଳ କହିଛନ୍ତି । ଆଜି ସକାଳେ ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ଜିଲ୍ଲା ଓ ଦୌରା ବିଚାରପତି ଅଶାନ୍ତ ଦାସ, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ଏ. ସସ୍ୟ ରେଡ୍ଡି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ଶ୍ୱେତ କୁମାର ଦାଶ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ଲଳିତା ମଞ୍ଜରୀ ପଟ୍ଟନାୟକ, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ବିବସ୍ୱତ ଗୌତମ, ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ ରୋନିତ କୁମାରଙ୍କ ସମେତ ବହୁ ବିଏମ୍‌ସି କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ସମବେତ ଭାବରେ ହରିଡ଼ାଖଣ୍ଡି ପୋଖରୀ କୂଳକୁ (ବିନାୟକ ଆଚାର୍ଯ୍ୟ କଲେଜ ନିକଟ) ସଫା କରିବା ସହିତ ବ୍ରହ୍ମପୁର ସହରକୁ ସବୁବେଳେ ସଫାସୁତର ରଖିବାକୁ ସାମୁହିକ ଶପଥ ପାଠ କରିଥିଲେ । ନିକଟରେ ଥିବା ହୋଟେଲ, ଚା' ଓ ଜଳଖିଆ ଦୋକାନ ବୁଲି ଯାଞ୍ଚ କରିବା ସହ ଡଷ୍ଟବିନ୍ ବ୍ୟବହାର କରିବା ଏବଂ ଏକକ ପ୍ଲାଷ୍ଟିକ ବ୍ୟବହାରରେ ରୋକ ଲଗାଇବାକୁ ଅନୁରୋଧ କରିଥିଲେ ।

# ଗଜପତି ଜିଲ୍ଲାରେ ବିଜେଡିର ନାରୀ ଅଧିକାର ଅଭିଯାନ | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ନାରୀ ସୁରକ୍ଷାକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୨୬।୫(ସମିସ)





ଡବଲ ଇଞ୍ଜିନ ସରକାର ଶାସନରେ ସାରା ରାଜ୍ୟ ତଥା ଦେଶରେ ଆଜି ମହିଳା ନିର୍ଯାତନା ବୃଦ୍ଧି ପାଇଛି । ନାରୀ ନିର୍ଯାତନା ତାଲିକାରେ ଶୀର୍ଷରେ ପହଞ୍ଚି ଓଡ଼ିଶା । ବିଜେପି ସରକାରରେ ନାରୀର ସୁରକ୍ଷା ନାହିଁ । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଦରଦାମ ଆକାଶ ଛୁଆଁ ହୋଇଛି । ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛି ବିଜୁ ମହିଳା ଜନତା ଦଳ । ଏଥିସହ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ମହିଳାଙ୍କୁ ସୁରକ୍ଷା ପ୍ରଦାନ ସହ ନିଯୁକ୍ତି ସୃଷ୍ଟି କରିବା ଦାବିରେ ଆଜି ଗଜପତି ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ପରେ ଜିଲ୍ଲାପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି ଯେ ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ । ମହିଳା ସଂରକ୍ଷଣ ବିଲ୍ ୨୦୨୩କୁ ପାର୍ଲାମେଣ୍ଟରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ୍ତ ସମର୍ଥନ କରିଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ । ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଲୁକ୍କାୟିତ ଭାବରେ ମହିଳା ସଂରକ୍ଷଣ ବିଲ୍ ନାଁରେ ପାରିତ କରିବାର ଅପଚେଷ୍ଟା ଓ ଚକ୍ରାନ୍ତ କରିଥିଲେ । ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରାଯିବାକୁ ଦାବି କରାଯାଇଛି । ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତ୍ତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କୁ ଦିଆଯାଉ । ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରାନଯାଉ । ତେବେ ଡବଲ ଇଞ୍ଜିନ ସରକାର ଗତ କିଛି ଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି । ପାର୍ଲାମେଣ୍ଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ବଡ ବଡ ଭାଷଣବାଜି ଚାଲିଛି । କିନ୍ତୁ ପ୍ରକୃତରେ ମହିଳାଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ୍ୟ ବଡ ପ୍ରଶ୍ନବାଚୀ ହୋଇ ରହିଛି । ନାରୀଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ । ପଞ୍ଚାୟତିରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ । ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ମାନ୍ୟବର ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କୁ ୩୩ ପ୍ରତିଶତ ଟିକେଟ ମଧ୍ୟ ଦେଇଥିଲେ । ହେଲେ ଓଡ଼ିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଛି । ଶାନ୍ତି ପ୍ରିୟ ଓଡିଶା ଆଜି ସାରା ପୃଥିବୀରେ ଲଜ୍ଜିତ ଓ ନିନ୍ଦିତ ହୋଇଛି । ଗତ ଦୁଇ ବର୍ଷରେ ସରକାରଙ୍କ ଅପାରଗତା, ବିଫଳତା ତଥା ଅପରାଧ ନିୟନ୍ତ୍ରଣରେ ଚରମ ଉଦାସିନତା ହେତୁ ୪୮,୦୦୦ ମହିଳା ହିଂସା ଓ ଯୌନ ନିର୍ଯାତନା ମାମଲା ଥାନାରେ ରେକର୍ଡ ହୋଇଛି । ଗତ ଏକ ସପ୍ତାହ ଭିତରେ ଘଟିଥିବା ହୃଦୟ ବିଦାରକ ଓ ଅମାନୁଷିକ ଅପରାଧ ଓଡ଼ିଶାର ଭାବମୂର୍ତ୍ତିକୁ ଆହୁରି କ୍ଷୁଣ୍ଣ କରିଛି ବୋଲି କୁହାଯାଇଛି ।

ଏହି କାର୍ଯକ୍ରମ ଜିଲ୍ଲା ମହିଳା ବିଜେଡି ସଭାପତି ସଂଯୁକ୍ତା ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ ପ୍ରମୁଖଙ୍କ ସମେତ ଜିଲ୍ଲା ବିଜେଡି ନେତୃବୃନ୍ଦ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ସରପଞ୍ଚ, ସମିତିସଭ୍ୟ ମାନେ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କ ଅରାଜକତା ଶାସନ, ବିଭିନ୍ନ ଦିଶାହୀନ ଯୋଜନା, ଦରଦାମ ବୃଦ୍ଧି ଆଦି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ଏଥିରେ ଜିଲ୍ଲା କୋଣ ଅନୁକୋଣରୁ ହଜାରରୁ ଅଧିକ ସଂଖ୍ୟାରେ ବିଜେଡି ମହିଳା କର୍ମୀ ସାମିଲ ହୋଇଥିଲେ ।

# ୨୩ ଦିନରେ ପହଞ୍ଚିଲା ମା ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା

## ଯୁବ ବ୍ୟବସାୟୀ ଡ଼ମ୍ବୁରୁଧର ସାହୁଙ୍କ ସ୍ୱତନ୍ତ୍ର ପୂଜା, ବିରାଟ ପଟୁଆର ରେ ସହର ପରିକ୍ରମା କଲେ ମା

ଛତ୍ରପୁର୨୬।୫(ସମିସ)



ଛତ୍ରପୁର ର ଆରାଧ୍ୟ ଦେବି ମା ରାମାୟଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଲାଗି ଉଠୁଛି ପଡୁଛି ସାରା ସହର। ମଙ୍ଗଳବାର ଯାତ୍ରାର ୨୩ ଦିନ ଅବସରରେ ମା ସହରର ଯୁବ ବ୍ୟବସାୟୀ ଡମ୍ବୁରୁଧର ସାହୁ ଓ ରେଣୁବାଳା ସାହୁଙ୍କ ବାସଭବନ ଯାଇ ସ୍ୱତନ୍ତ୍ର ଭୋଗ ଗ୍ରହଣ କରିଛନ୍ତି। ବିରାଟ ପଟୁଆରରେ ମା ଅସ୍ଥାୟୀ ମଣ୍ଡପରୁ ବାହାରି ନଗର ପରିକ୍ରମା କରିଥିଲେ। ଗତ ମେ ମାସ ୪ ତାରିଖରୁ ମା ଙ୍କ ପାରମ୍ପରିକ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜୁନ ମାସ ୫ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ । ମାଙ୍କ ଯାତ୍ରା ଅବସରରେ ଛତ୍ରପୁର ଅନଶ୍ଲୋ ଖେଳ ପଡିଆ ଠାରେ ରାମଦୋଳି ଓ ମିନା ବଜାର ଖୋଲାଯାଇଥିବା ବେଳେ ଲୋକେ ଏହାର ମଜା ଉଠାଉଥିବା ଦେଖିବାକୁ ମିଳିଛି । ମା ଙ୍କ ଯାତ୍ରା ପାଇଁ ସାରା ସହର ଚଳ ଚଞ୍ଚଳ ହୋଇପଡିଥିବା ବେଳେ ସହରର ସମସ୍ତ ପ୍ରବେଶ ପଥକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି । ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମୁତୟନ ରହିଛନ୍ତି । ଆସନ୍ତା ୧ ରୁ ୫ ତାରିଖ ପ୍ରଯ୍ୟନ୍ତ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ ଯାହାକି ଯାତ୍ରା କୁ ଆହୁରି ଆକର୍ଷଣ କରିବ ।

## ୭ ବର୍ଷ ପରେ ଝଲସିଲା ବୁର୍ଜାଙ୍ଗ ଗ୍ରାମ

# ଧୁମଧାମରେ ଶେଷ ହେଲା ମା ଲୋହରଣୀଙ୍କ ଠାକୁରାଣୀ ଯାତ୍ରା

## ଜାତିଭେଦର ପ୍ରାଚୀର ଭାଙ୍ଗି ଦଳିତ ସାହିର ଭବ୍ୟ ଓ ଆଡମ୍ବରପୂର୍ଣ୍ଣ ଆୟୋଜନକୁ ସବୁ ମହଲରେ ପ୍ରଶଂସା

ରାୟଗଡ଼,୨୬।୫(ସମିସ)



ରାୟଗଡ଼ ବ୍ଲକ ବୁର୍ଜାଙ୍ଗ ଗ୍ରାମର ଦଳିତ ସାହିରେ ଦୀର୍ଘ ୭ ବର୍ଷର ପ୍ରତୀକ୍ଷା ପରେ ଅନୁଷ୍ଠିତ ହୋଇଯାଇଛି ପାରମ୍ପରିକ ୧୨ ତମ ଲୋହରଣୀ ମାଙ୍କ ଠାକୁରାଣୀ ଯାତ୍ରା । ପାଞ୍ଚ ଦିନ ଧରି ଚାଲିଥିବା ଏହି ଭକ୍ତିମୟ ମହୋତ୍ସବ ମଙ୍ଗଳବାର ଦିନ ବେଶ୍ ଆଡମ୍ବର ସହକାରେ ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ବର୍ଷ ପରେ ମା'ଙ୍କ ଆଗମନକୁ ନେଇ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଥିବା ବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଯାତ୍ରା ଅବସରରେ ସମଗ୍ର ଗ୍ରାମକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଯାହା ଗାଁର ଶୋଭାକୁ ଦ୍ୱିଗୁଣିତ କରିଥିଲା । ପ୍ରତେକ ଦିନ ସନ୍ଧ୍ୟାରେ ମା'ଙ୍କ ଭବ୍ୟ ଆଳତି ପରେ ନଗର ପରିକ୍ରମା ସହ ଗ୍ରାମ ବୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମା'ଙ୍କ ଦେବୀ ଦର୍ଶନ ଓ କୃପା ଲାଭ କରିବା ପାଇଁ ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ବିଶେଷ କରି ମହିଳା ଶ୍ରଦ୍ଧାଳୁଙ୍କ ଅପୂର୍ବ ଶ୍ରଦ୍ଧା ଓ ହୁଳହୁଳି ଧ୍ୱନି ଯାତ୍ରାକୁ ଆହୁରି ଭକ୍ତିମୟ କରି ଗଢ଼ିତୋଳିଥିଲା । ଯାତ୍ରା ପାଞ୍ଚ ଦିନ ଯାକ ପ୍ରତି ରାତିରେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଯାହା ସ୍ଥାନୀୟ ଲୋକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇଥିଲା । ଏହି ଉତ୍ସବରେ ପ୍ରତିଦିନ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମା' ଲୁହୋଣୀଙ୍କ ଦର୍ଶନ କରିବା ସହ କୃପା ଭିକ୍ଷା କରିଥିଲେ । ଜାତି-ଭେଦର ସଂକୀର୍ଣ୍ଣ ପ୍ରାଚୀରକୁ ଭାଙ୍ଗି ହରିଜନ ସାହିର ଭାଇଭଉଣୀ ଯେଭଳି ଶୃଙ୍ଖଳିତ, ଭକ୍ତିପୂତ ଏବଂ ଏତେ ବଡ଼ ଆଡମ୍ବର ସହକାରେ ଏହି ପାରମ୍ପରିକ ଯାତ୍ରାକୁ ସଫଳ କରିଛନ୍ତି। ତାହା ଆଖପାଖ ଅଞ୍ଚଳରେ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି । ସମାଜର ବିଭିନ୍ନ ମହଲରେ ଏହି ଅପୂର୍ବ ପ୍ରୟାସ, ଭକ୍ତିଭାବ ଓ ସାମାଜିକ ସଦଭାବନାକୁ ଉଚ୍ଚ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ କମିଟିର ବିଭୁ ପରିଛା, ଦ୍ୱାଦଶୀ ପାଣି, ପ୍ରତାପ ମିଶାଲ, ରମେଶ ଲିମା, ସୁଶାନ୍ତ ଜେନା, ଜିଜିକଲ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମସ୍ତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସମଗ୍ର ଯାତ୍ରା ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଶେଷ ହୋଇଛି ।

## ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସୁପରିଚାଳନା ନେଇ ପ୍ରସ୍ତୁତି

ଛତ୍ରପୁର, ୨୬।୫(ସମିସ)

ରାଜ୍ୟରେ ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାର ସରଳୀକରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଯେପରି ଜଣେ ବି ଯୋଗ୍ୟ ଭୋଟର ବାଦ୍ ନପଡ଼ନ୍ତି, ସେଥିପ୍ରତି ସମସ୍ତ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ କହିଛନ୍ତି । ୯୫ ପ୍ରତିଶତ ମ୍ୟାପିଂ ସହିତ ଓଡିଶା ଦେଶର ଅଗ୍ରଣୀ ସ୍ଥାନରେ ରହିଛି ଆଗାମୀ ଏସ ଆଇ ଆର କାର୍ଯ୍ୟ ଗୁଡିକୁ ମଧ୍ୟ ସେଇ ସକରାତ୍ମକତାର ସହିତ ସମ୍ପାଦିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ନଜରକୁ ଆସିଲେ, ଜିଲ୍ଲା ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇ ସଠିକ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବରର ବ୍ୟବସ୍ଥା କରାଯାଇଛି । ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଡି ହେବାପାଇଁ ଇଉଓଘରଞ୍ଝ ଆପ ମାଧ୍ୟମରେ ବୁକ୍ ଏ କଲ୍ କରିପାରିବେ ବୋଲି ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ କହିଛନ୍ତି ।

